# ଶିକ୍ଷା ବିକାଶ ସମିତି, ଓଡ଼ିଶା

## ଅର୍ଦ୍ଧବାର୍ଷିକ ପରୀକ୍ଷା : ୨୦୨୩-୨୦୨୪

ଶ୍ରେଣୀ : ପଞ୍ଚମ — ବିଷୟ : ମାତୃଭାଷା

ସମୟ : ୨ଘଣ୍ଟା — ପୂର୍ଣ୍ଣସଂଖ୍ୟା : ୧୦୦

୧. ସୁନ୍ଦର ହସ୍ତାକ୍ଷର । (ଦୈନିକ ହସ୍ତାକ୍ଷର ଖାତାକୁ ଦେଖି ମୂଲ୍ୟାଙ୍କନ କରାଯିବ ।) ୫

୨. ସୁଲିଖନ । 'ଜନ୍ମଭୂମିର ସେବା କର' ।

(କ) ବାକ୍ୟଟିକୁ ଗାର ମଧ୍ୟରେ ଲେଖ । ୨

(ଖ) ବାକ୍ୟଟିକୁ ବିନା ଗାରରେ ଲେଖ । ୩

୩. ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ଦିଅ । ୫ × ୧ = ୫

(କ) ରାଜା ନିଜକୁ ମୂର୍ଖ ବୋଲି ମନେକଲେ କାହିଁକି ?

(ଖ) ଆମେରିକାର କଳକାରଖାନାରେ ରୋବୋଟମାନେ କି କି କାମ କରନ୍ତି ଲେଖ ।

୪. ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ଲେଖ । ୫ × ୧ = ୫

(କ) ଦେଶର ଉନ୍ନତି ପାଇଁ ସ୍ୱାଧୀନ ଭାରତରେ କେଉଁ କେଉଁ କାମ କରାଯିବ ବୋଲି କବିତାରେ ଆଶା କରାଯାଇଛି ?

(ଖ) ଫୁଲ ନିଜର ରୂପଗୁଣ ସମ୍ପର୍କରେ କ'ଣ କହିଛି ?

୫. ଯେକୌଣସି ତିନୋଟି ପ୍ରଶ୍ନର ଉତ୍ତର ଲେଖ । ୨ × ୩ = ୬

(କ) ବୁଢ଼ୀଟି ଶୁଖିଲା ପତ୍ର ନେଇ କ'ଣ କରିବ ବୋଲି କହିଲା ?

(ଖ) ନୂଆଖାଇ ପର୍ବ ଆମକୁ କ'ଣ ଶିଖାଇଥାଏ ?

(ଗ) ମେକରଣ କିଏ ଓ ସେ ରାଜାଙ୍କୁ କି ଦାନ ମାଗିଥିଲେ ?

(ଘ) ଜାପାନୀଙ୍କ ଶୃଙ୍ଖଳାର ପ୍ରଥମ ନିଦର୍ଶନ କ'ଣ ?



https://ssvmkalamachhuin.in/

୬.  ଯେକୌଣସି ଦୁଇଟି ପ୍ରଶ୍ନର ଉତ୍ତର ଲେଖ ।  ୨ × ୨ = ୪

(କ) ଆମେ କାହିଁକି ମଥା ନୋଇଁବୁ ନାହିଁ ବୋଲି କବି କହିଛନ୍ତି ?

(ଖ) କେଉଁମାନେ ଫୁଲକୁ ଦେଖିଲେ ଅଧୀର ହୁଅନ୍ତି ?

(ଗ) ଦୁଃଖୀଧନ ବୋଲି କାହାକୁ କୁହାଯାଇଛି ଓ କାହିଁକି ?

୭.  'କ' ବିଭାଗରୁ ଗୋଟିଏ ଓ 'ଖ' ବିଭାଗରୁ ଗୋଟିଏର ସରଳାର୍ଥ ଲେଖ ।

୫ × ୨ = ୧୦

(କ) କିନ୍ତୁ ମନେରଖ, ଏମିତି ପତ୍ର ଆଣିବ ଯାହାକି ଅନ୍ୟ କାହାର ଦରକାରରେ ଆସୁ ନ ଥିବ ।

କିମ୍ବା

ବିଜ୍ଞାନ ଥିଲା ତାଙ୍କର ପ୍ରାଣ, ଗବେଷଣା ଥିଲା ତାଙ୍କର ଲକ୍ଷ୍ୟ ଓ ଅଧିକରୁ ଅଧିକ ଜ୍ଞାନ ଆହରଣ ଥିଲା ଜୀବନର ବ୍ରତ ।

ଖ)  "ଭୋକିଲା ହୋଇ ଆଉ ରହିବେ ନାହିଁ କେହି

ରଖିବୁ ଜାତି ଟେକ ନିଜକୁ ବଳି ଦେଇ ।"

କିମ୍ବା

"ଯେବେ ବିକା ଆସିବ କୋଳି

କାନ୍ଦି କିଏ କରିବ ଅଳି,

ଚାଲି ହେଉଥିଲେ ଧୂଳି ବୋଳି ହୋଇ

ଦୋଳିକେ ଖେଳିବ କାନି ପଣତେ ।"

୮.  ଯେକୌଣସି ଗୋଟିଏ ବିଷୟରେ ରଚନା ଲେଖ ।  ୧୨

(କ) ନଈବଢ଼ି  (ଖ) ଗ୍ରୀଷ୍ମଋତୁ

(ଗ) ରଜପର୍ବ  (ଘ) ବୃକ୍ଷରୋପଣ



https://ssvmkalamachhuin.in/

୯.  ଦୋଳପର୍ବ କିପରି ପାଳନ କଲ ସାଙ୍ଗ ନିକଟକୁ ପତ୍ର ଲେଖ ।

କିମ୍ବା  ୮

ଚିକିତ୍ସାଳୟ ଖୋଲିବା ପାଇଁ ସ୍ୱାସ୍ଥ୍ୟ ବିଭାଗୀୟ ଅଧିକାରୀଙ୍କ ନିକଟକୁ ଦରଖାସ୍ତ ଲେଖ ।

୧୦. ନିର୍ଦ୍ଦେଶାନୁସାରେ ଉତ୍ତର ଦିଅ ।

(କ) ବାକ୍ୟ ଗଠନ କର । (୨ଟିର)  ୨

ପ୍ରତ୍ୟାବର୍ତ୍ତନ, ସୁଯୋଗ, ରାଗରୁଷା

(ଖ) ବିପରୀତ ଶବ୍ଦ ଲେଖ । (୨ଟିର)  ୨

ମିଳନ, ବିଶ୍ୱାସ, କୃଷ୍ଣ

(ଗ) ଗୋଟିଏ ଲେଖାଏଁ ପ୍ରତିଶବ୍ଦ ଲେଖ । (୨ଟିର)  ୨

ପୁଅ, ପବନ, ନବ

(ଘ) ଗଦ୍ୟରୂପ ଲେଖ । (୨ଟିର)  ୨

ବଇଷ୍ଣବ, ହୋଇବ, ପତର

(ଙ) ଲିଙ୍ଗ ପରିବର୍ତ୍ତନ କର । (୨ଟିର)  ୧

ବୋହୂ, ଗୁରୁ , ରାଜା

(ଚ) ଅର୍ଥଗତ ପାର୍ଥକ୍ୟ ଲେଖ । (୧ଟିର)  ୧

ଅନ୍ନ-ଅର୍ଣ୍ଣ, ବାସ-ବାସ

(ଛ) ଅର୍ଥ ଲେଖ । (୧ଟିର)  ୧

ସମିଧ, ସ୍ଥବିର

(ଜ) ଠିକ୍ ଶବ୍ଦଟି ବାଛି ଲେଖ ।  ୧

ବିଶାଦ, ବିଷାଦ, ବିସାଦ

(ଝ) ଏହି ପତ୍ର ହେଉଛି ପୁରୁଣା ଜ୍ୱରର ଅବ୍ୟର୍ଥ ଔଷଧ ।
(ବିଶେଷଣ ପଦ ବାଛି ଲେଖ)  ୧

(ଞ) ଅଳସୁଆ ହୋଇ ବସ ନାହିଁ ବରଂ କିଛି କାମ କର ।
(ରେଖାଙ୍କିତ ପଦଟି କି ପଦ)  ୧



https://ssvmkalamachhuin.in/

(ଟ) ମୂଳରୁ ଚୂଳ ପର୍ଯ୍ୟନ୍ତ – (ଏକପଦରେ ପ୍ରକାଶ କର) ୧

(ଠ) ପିଲାମାନେ କାଲି ବଣଭୋଜି କରିବେ ।
(କ୍ରିୟାପଦ ବାଛି ଲେଖ ।) ୧

୧୧. ଶୂନ୍ୟସ୍ଥାନ ପୂରଣ କର । ୧ × ୪ = ୪

(କ) କରିବୁ ପ୍ରାଣ ଦେଇ ________ ଯେଉଁ କଥା ।

(ଖ) ମୋ ରୂପ ________ କେତେ ନିର୍ମଳ ।

(ଗ) ହୋଇଣ ________ ଗାଈ ଦୁହିଁବାକୁ ।

(ଘ) ମୋତେ କେ ଗଳାରେ କେବା ________ ।

୧୨. ଅନୁଚ୍ଛେଦଟି ପଢ଼ି ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ । ୨ × ୫ = ୧୦

ବ୍ୟାସଦେବ କେବଳ ଜଣେ ଋଷି ନ ଥିଲେ, ସେ ଥିଲେ ଜଣେ ମହାନ୍ ପଣ୍ଡିତ । ସେ ନିଜେ ଅନେକ ପୁରାଣଶାସ୍ତ୍ର ରଚନା କରିଥିଲେ । ବହୁ ଶିଷ୍ୟ ତାଙ୍କ ନିକଟରେ ରହି ବିଦ୍ୟା ଅଧ୍ୟୟନ କରୁଥିଲେ । ଏଭଳି ଚମତ୍କାର ଦୃଶ୍ୟ ଦେଖି ତାଙ୍କର ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ । ସେ ମନେମନେ ଚିନ୍ତା କଲେ, "ମୁଁ ତ ଏତେ ଶାସ୍ତ୍ର ଅଧ୍ୟୟନ କରିଛି, କିନ୍ତୁ କାହିଁ ! ସଂସାରରେ ଏଭଳି ବିଦ୍ୟା ଥିବାର ତ ମୁଁ ଜାଣି ନାହିଁ । ସୁତରାଂ ମୋର ବିଦ୍ୟା ଅପୂର୍ଣ୍ଣ ଅଟେ । ବ୍ୟାସଦେବ ସେହି ବନବାସୀ ନିକଟକୁ ଯାଇ ତା'ର ପରିଚୟ ପଚାରିଲେ ।

(କ) କାହାକୁ ମହାନ୍ ପଣ୍ଡିତ ବୋଲି କୁହାଯାଇଛି ?

(ଖ) ତାଙ୍କ ନିକଟରେ ରହି ଶିଷ୍ୟମାନେ କ'ଣ କରୁଥିଲେ ?

(ଗ) ସେ କାହିଁକି ଖୁବ୍ ଆଶ୍ଚର୍ଯ୍ୟ ହୋଇଗଲେ ?

(ଘ) କିଏ ଅନେକ ଶାସ୍ତ୍ର ଅଧ୍ୟୟନ କରିଥିଲେ ?

(ଙ) ନିଜର ବିଦ୍ୟା ଅପୂର୍ଣ୍ଣ ଥିବା ଚିନ୍ତାକରି ବ୍ୟାସଦେବ କ'ଣ କଲେ ?

୧୩. ପ୍ରକଳ୍ପ କାର୍ଯ୍ୟ । ୧୦

❖❖❖



https://ssvmkalamachhuin.in/

# ଶିକ୍ଷା ବିକାଶ ସମିତି, ଓଡ଼ିଶା

## ଅର୍ଦ୍ଧବାର୍ଷିକ ପରୀକ୍ଷା : ୨୦୨୩-୨୦୨୪

ଶ୍ରେଣୀ : ପଞ୍ଚମ                                        ବିଷୟ : ଓଡ଼ିଆ (ସୁଲିଖନ)

ନାମ ______________________________

ବିଭାଗ ______________ ରୋଲ ନଂ ______________

୧. ସୁଲିଖନ । 'ଜନ୍ମଭୂମିର ସେବା କର' ।

(କ) ବାକ୍ୟଟିକୁ ଗାର ମଧ୍ୟରେ ଲେଖ । ୨

ଉ : ______________________________

(ଖ) ବାକ୍ୟଟିକୁ ବିନା ଗାରରେ ଲେଖ । ୩

https://ssvmkalamachhuin.in/

# SHIKSHA VIKASH SAMITI, ODISHA

## HALF YEARLY EXAMINATION: 2023-2024

Class - V — Sub - English **(W)**

Time - 2 hours — Full marks - 70

1. Answer the following questions. (any five) $2 \times 5 = 10$

   (a) Who rode on a tiger?

   (b) Where did the bun roll from the bench?

   (c) Why didn't the old ant give the young ant any food?

   (d) What did the king do when he was in a bad mood?

   (e) When do the clouds stand still?

   (f) Did the bun sing a song to the wolf?

   (g) How long did the first story teller's story last?

2. Write seven stntences on any one of the following. 7

   i) Your Class-room

   ii) Your Family

   iii) Your Pet Cat.

3. Write a letter to your friend describing Ganesh Puja. 5

   Or

   Write a letter to your friend about your school.

4. Fill in the blanks with the words given. $1 \times 4 = 4$

   (grass, rain, top, me)

   Rain on the green ________,

   And ________ on the tree

   And rain on the house ________

   But not upon ________.



https://ssvmkalamachhuin.in/

5. Translate into English. (any four) 2 × 4 = ୮

(କ) ସେ ମାଛ ଖାଏ ନାହିଁ ।

(ଖ) ହାତୀଟି ଘୋଡା ଠାରୁ ବେଶୀ ମୋଟା ।

(ଗ) ଗଛ ମଣିଷପରି ଅନୁଭବ କରିପାରେ ।

(ଘ) କାଉଟି ଶୋଷିଲା ଥିଲା ।

(ଙ) ବହିଗୁଡିକ ଥାକରେ ରଖାଗଲା ।

(ଚ) କିଏ ଆମକୁ ସଫଳତା ଆଣିଦେବ ।?

6. Answer the following questions. (any three) 2 × 3 = 6

(a) Why was the elephant glad?

(b) Howmany calves did Baula hare?

(c) What did the monkey do?

(d) Where did the elephant see the fruit shop?

(e) Why did Baula go deep into the forest?

7. Do as directed. 1 × 10 = 10

(a) Hari carried his basket himself (use not)

(b) We do our home work everyday. (Turn into question)

(c) The question is so hard that one can't answer. (use 'too')

(d) A cobbler knows shoe making (use 'howto')

(e) Mr Jhon is ________ European (put a/an)

(f) How beautiful she is (punctuate the sentences)

(g) Bimal says to me, "Your handwriting is very nice. (change the speech)



https://ssvmkalamachhuin.in/

(h) My brother watches me. I am reading book.

(Join the sentence without a joining word)

(i) He cannot speak English.

(Use the cantracted form)

(j) A person who makes furniture-

(Write in a single word)

8. Do as directed. $1 \times 5 = 5$

(a) Raju lived with

(i) his father (ii) his mother

(iii) grand parents (iv) all of them

(Complete choosing the bset option)

(b) My father stayed in cuttack ________ five days.

(Fill in the blanks using 'for/on')

(c) Make sentences "a lot of"

(d) A tiger live in the forest.

A crocodile lives in water

(Join the sentences using 'but')

(e) See the example and fill in the blanks

Ex - story - stories Fly - ________

9. Good Handwriting. 5

"Practice makes perfect"

Sentence writing without line

sentence writing within line

10. Project work 10

❖❖❖



https://ssvmkalamachhuin.in/

# ଶିକ୍ଷା ବିକାଶ ସମିତି, ଓଡ଼ିଶା

## ଅର୍ଦ୍ଧବାର୍ଷିକ ପରୀକ୍ଷା : ୨୦୨୩-୨୦୨୪

ଶ୍ରେଣୀ : ପଞ୍ଚମ — ବିଷୟ : ଗଣିତ

ସମୟ : ୨ ଘଣ୍ଟା — ପୂର୍ଣ୍ଣସଂଖ୍ୟା : ୮୦

୧. ବନ୍ଧନୀ ମଧ୍ୟରୁ ସମ୍ଭାବ୍ୟ ଉତ୍ତରଟି ବାଛି ଲେଖ । ୧ × ୩ = ୩

(କ) ଦୁଇଅଙ୍କ ବିଶିଷ୍ଟ କେତୋଟି ମୌଳିକ ସଂଖ୍ୟା ଅଛି ?

(୨୪, ୪, ୨୧, ୨୫)

(ଖ) ୧ ଲକ୍ଷ = କେତେ ହଜାର ?

(୧୦, ୧୦୦, ୧୦୦୦, ୧୦୦୦୦)

(ଗ) ୯୮୭୫ କେଉଁ ଆଧାରର ଅନ୍ତର୍ଗତ ?

(୧୦, ୧୦୦, ୧୦୦୦, ୧୦୦୦୦)

୨. ଠିକ୍ ଉକ୍ତି ପାଖରେ ଠିକ୍ (✓) ଓ ଭୁଲ ଉକ୍ତି ପାଖରେ ଭୁଲ (×) ଚିହ୍ନ ଦିଅ । ୧ × ୩ = ୩

(କ) ସମବାହୁ ତ୍ରିଭୁଜର ପ୍ରତ୍ୟେକ କୋଣ ସମକୋଣ । ( )

(ଖ) ୧୫ର ୪ଟି ଗୁଣନୀୟକ ଅଛି । ( )

(ଗ) ୯୦୦୦୦ଟି ଛଅ ଅଙ୍କ ବିଶିଷ୍ଟ ସଂଖ୍ୟା ଅଛି । ( )

୩. 'କ' ସ୍ତମ୍ଭ ଓ 'ଖ' ସ୍ତମ୍ଭ ମିଳନ କର । ୧ × ୩ = ୩

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| କ୍ଷୁଦ୍ରତମ ଯୁଗ୍ମ ଯୌଗିକ | ୩ |
| କ୍ଷୁଦ୍ରତମ ଅଯୁଗ୍ମ ମୌଳିକ | ୨ |
| କ୍ଷୁଦ୍ରତମ ଯୁଗ୍ମ ମୌଳିକ | ୪ |

୪. ଅଲଗାଟିକୁ ବାଛି ଲେଖ । ୧ × ୩ = ୩

(କ) ୧୦୫°, ୯୧°, ୧୪୫°, ୮୮° (କୋଣ ଦୃଷ୍ଟିରୁ)

(ଖ) ୮, ୨, ୧୫, ୨୪ (ଯୌଗିକ ସଂଖ୍ୟା ଦୃଷ୍ଟିରୁ)



https://ssvmkalamachhuin.in/

(ଗ) $\frac{୭}{୧୧}, \frac{୯}{୧୩}, \frac{୩}{୫}, \frac{୧୧}{୯}$ (ଭଗ୍ନସଂଖ୍ୟା ଦୃଷ୍ଟିରୁ)

୫. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ । ୨ × ୨ = ୪

(କ) ୬ ଓ ୮ ର ଲ.ସା.ଗୁର ପୂର୍ବବର୍ତ୍ତୀ ସଂଖ୍ୟାଟି କେତେ ?

(ଖ) ପାଞ୍ଚଅଙ୍କ ବିଶିଷ୍ଟ ବୃହତ୍ତମ ସଂଖ୍ୟାର ପରସଂଖ୍ୟା କେଉଁ ସଂଖ୍ୟାର ପୂର୍ବସଂଖ୍ୟା ?

୬. ଶୂନ୍ୟସ୍ଥାନ ପୂରଣ କର । ୨ × ୩ = ୬

(କ) ଦୁଇଟି କ୍ରମିକ ସଂଖ୍ୟାର ଗ.ସା.ଗୁ ________ ।

(ଖ) $\frac{୧୯}{୫}$ ଠାରୁ ଠିକ୍ ବଡ଼ ପୂର୍ଣ୍ଣ ସଂଖ୍ୟାଟି ________ ।

(ଗ) ବୃତ୍ତର ବୃହତ୍ତମ ଜ୍ୟାକୁ ________ କୁହାଯାଏ ।

୭. ରେଖାଙ୍କିତ ପଦକୁ ବଦଳାଇ ଭ୍ରମ ଥିଲେ ସଂଶୋଧନ କର । ୨× ୩=୬

(କ) ଯେଉଁ ସଂଖ୍ୟାକୁ ବିୟୋଗ କରାଯାଏ ତାହାକୁ ବିୟୋଜନ କୁହାଯାଏ ।

(ଖ) ବୃତ୍ତର ବ୍ୟାସ = $\frac{୧}{୨}$ × ବ୍ୟାସାର୍ଦ୍ଧ

(ଗ) ୭ଟି କଲମର ଦାମ୍ ୨୩ ଟଙ୍କା ହେଲେ ୧୪ଟି କଲମର ଦାମ୍ ୪୬ ଟଙ୍କା ।

୮. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ । ୨ × ୪ = ୮

(କ) ୧୨୩୪ × ୧୩୪୨ (ଊର୍ଦ୍ଧ୍ୱତିର୍ଯ୍ୟକ ପ୍ରଣାଳୀରେ ଗୁଣନ କର)

(ଖ) ୧୦୩ × ୧୦୫ × ୧୦୭ (ଆଧାର ପ୍ରଣାଳୀରେ ଗୁଣନ କର)

(ଗ) ୧୨୦୨୧ ÷ ୯୯ (ନିଖିଳଂ ସୂତ୍ର ପ୍ରୟୋଗ କରି ହରଣ କର)

(ଘ) ୬୩ × ୬୮ (ଉପାଧାର ପ୍ରଣାଳୀରେ ଗୁଣନ କର)

୯. ଏକ ପଦରେ ପ୍ରକାଶ କର । ୨ × ୨ = ୪

(କ) ଯେଉଁ ତ୍ରିଭୁଜର ତିନୋଟି ଯାକ ବାହୁ ଅସମାନ -

(ଖ) ଜ୍ୟାମିତିବାକ୍ସର ଯେଉଁ ଯନ୍ତ୍ର ସାହାଯ୍ୟରେ କୋଣ ମାପ କରାଯାଏ-



https://ssvmkalamachhuin.in/

୧୦. ଯେକୌଣସି ୫ଟି ପ୍ରଶ୍ନର ଉତ୍ତର ଦିଅ ।  ୫ × ୫ = ୨୫

(କ) ଗୋଟିଏ ପାଉଁରୁଟି କାରଖାନାରୁ ଦୈନିକ ୨୧୭୪ଟି ପାଉଁରୁଟି ତିଆରି ହୁଏ । ତେବେ ଜୁଲାଇ ଓ ଅଗଷ୍ଟ ଦୁଇମାସରେ ସେ କାରଖାନାରୁ ମୋଟ କେତେ ପାଉଁରୁଟି ତିଆରି ହେବ ?

(ଖ) ୮୦୪୦୦ ଓ ୪୯୭୮୦ରେ ପାର୍ଥକ୍ୟ ଠାରୁ ୫୭୪୩୭ ଓ ୨୮୫୬୭ର ପାର୍ଥକ୍ୟ କେତେ ଅଧିକ ବା କମ୍ ହେବ ?

(ଗ) ୨୩୬×୫୭ କୁ ଲାଟାଇସ୍ ପ୍ରଣାଳୀରେ ଗୁଣନ କର ।

(ଘ) ବାପା ଆଣିଥିବା କେକ୍‌ର $\frac{୧}{୩}$ ଅଂଶ ମୀରା ଖାଇଲା ଏବଂ $\frac{୧}{୪}$ ଅଂଶ ତା'ର ସାନଭାଇକୁ ଦେଲା । ତେବେ କେକ୍‌ର ଆଉ କେତେ ଅଂଶ ବଳକା ରହିଲା ?

(ଙ) ୪୮ର ଦୁଇଟି ଗୁଣନୀୟକ ଗଛ ତିଆରି କର ।

(ଚ) ୫, ୦, ୩, ୬, ୮କୁ ବ୍ୟବହାର କରି ପାଞ୍ଚଅଙ୍କ ବିଶିଷ୍ଟ ବୃହତ୍ତମ ଓ କ୍ଷୁଦ୍ରତମ ସଂଖ୍ୟା ଗଠନ କର । ସେମାନଙ୍କର ସମଷ୍ଟି ଓ ଅନ୍ତରଫଳ ନିର୍ଣ୍ଣୟ କର ।

(ଛ) ଗୋଟିଏ ଭାଗକ୍ରିୟାରେ ଭାଜକ ୪୮ । ଭାଗଫଳ ଭାଜକ ଠାରୁ ୭ କମ୍ । ଭାଗଶେଷ ୧୭ ହେଲେ ଭାଜ୍ୟ କେତେ ?

୧୧. ଯେକୌଣସି ଗୋଟିକର ଅଙ୍କନ କର ।  ୫ × ୧ = ୫

କଖଗ ତ୍ରିଭୁଜ ଅଙ୍କନ କର ଯାହାର କଖ ବାହୁର ଦୈର୍ଘ୍ୟ ୬.୫ସେ.ମି. । ଖଗ ବାହୁର ଦୈର୍ଘ୍ୟ ୪.୬ ସେ.ମି. ଏବଂ ∠କଖଗ ର ପରିମାଣ ୭୫° ।

କିମ୍ବା

୬ ସେ.ମି. ଦୈର୍ଘ୍ୟ ବିଶିଷ୍ଟ ଏକ ବର୍ଗଚିତ୍ର ଅଙ୍କନ କରି ତା'ର ନାମକରଣ କର ।

୧୨. ପ୍ରକଳ୍ପ କାର୍ଯ୍ୟ  ୧୦

❖❖❖



https://ssvmkalamachhuin.in/

# ଶିକ୍ଷା ବିକାଶ ସମିତି, ଓଡ଼ିଶା

## ଅର୍ଦ୍ଧବାର୍ଷିକ ପରୀକ୍ଷା : ୨୦୨୩-୨୦୨୪

ଶ୍ରେଣୀ : ପଞ୍ଚମ — ବିଷୟ : ଚିତ୍ରାଙ୍କନ

ସମୟ : ୧ ଘଣ୍ଟା — ପୂର୍ଣ୍ଣସଂଖ୍ୟା : ୫୦

୧. ପତ୍ର ସହ ମନ୍ଦାର ଫୁଲର ଚିତ୍ର ଅଙ୍କନ କର । ୨୦

କିମ୍ବା

ପତ୍ର ସହ ସୂର୍ଯ୍ୟମୁଖୀ ଫୁଲର ଚିତ୍ର ଅଙ୍କନ କର ।

୨. ଉଡୁଥିବା ଜାତୀୟ ପତାକାର ଚିତ୍ର ଅଙ୍କନ କରି ଉପଯୁକ୍ତ ରଙ୍ଗ ଦିଅ ।

କିମ୍ବା ୨୫

ଗୋଟିଏ ସ୍ୱାଗତ ତୋରଣର ଚିତ୍ର ଅଙ୍କନ କରି ରଙ୍ଗ ଦିଅ ।

୩. ପ୍ରକଳ୍ପ କାର୍ଯ୍ୟ ୫

❖❖❖

https://ssvmkalamachhuin.in/

# ଶିକ୍ଷା ବିକାଶ ସମିତି, ଓଡ଼ିଶା

## ଅର୍ଦ୍ଧବାର୍ଷିକ ପରୀକ୍ଷା : ୨୦୨୩-୨୦୨୪

**ଶ୍ରେଣୀ : ପଞ୍ଚମ** — **ବିଷୟ : ସାଧାରଣଜ୍ଞାନ**

**ସମୟ : ୧ଘଣ୍ଟା** — **ପୂର୍ଣ୍ଣସଂଖ୍ୟା : ୫୦**

ପ୍ରତ୍ୟେକ ପ୍ରଶ୍ନ ନିମନ୍ତେ ଚାରିଗୋଟି ସମ୍ଭାବ୍ୟ ଉତ୍ତର ଦିଆଯାଇଛି । ଠିକ୍ ଉତ୍ତରକୁ ବାଛି ଶିଶୁ ଭାଇଭଉଣୀମାନେ **OMR Answer Sheet** ରେ ଦିଆଯାଇଥିବା ଗୋଲକୁ କଳା କିମ୍ବା ନୀଳ ରଙ୍ଗର ବଲ୍‌ପେନ୍‌ରେ କଳା/ନୀଳ କରିବେ ।

ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ସମାନ । ୧ × ୫୦ = ୫୦

୧. ସବୁଠାରୁ ବୃହତ୍ତମ ମହାଦେଶର ନାମ କ'ଣ ?
(A) ଆଫ୍ରିକା (B) ଇଉରୋପ (C) ଅଷ୍ଟ୍ରେଲିଆ (D) ଏସିଆ

୨. ଆୟତନରେ ପୃଥିବୀର ସବୁଠାରୁ ବଡ଼ ଦେଶ କିଏ ?
(A) ମାଲେସିଆ (B) ଋଷିଆ (C) ଇରାନ (D) ଜର୍ମାନୀ

୩. ଓଡ଼ିଶାର କେଉଁଠାରେ ରେଳଡ଼ବା ମରାମତି କାରଖାନା ଅଛି ?
(A) ମଞ୍ଚେଶ୍ୱର (ଭୁବନେଶ୍ୱର) (B) କଟକ (C) ପୁରୀ (D) ରାଉରକେଲା

୪. ବେଲଜିୟମ କେଉଁ ଶିଳ୍ପ ପାଇଁ ପ୍ରସିଦ୍ଧ ?
(A) କାଗଜ (B) ସିମେଣ୍ଟ (C) କାଚ (D) କାଠ

୫. ଓଡ଼ିଶାର ସର୍ବ ବୃହତ୍ ତାପଜବିଦ୍ୟୁତ୍ କେନ୍ଦ୍ର କେଉଁଠି ଅଛି ?
(A) ତାଳଚେର (B) ଦାମନଯୋଡ଼ି (C) ହୀରାକୁଦ (D) ରାୟଗଡ଼ା

୬. ଓଡ଼ିଶାର କେଉଁ ସ୍ଥାନ ଚାନ୍ଦୁଆ ତିଆରି ପାଇଁ ପ୍ରସିଦ୍ଧ ?
(A) କଟକ (B) ଯାଜପୁର (C) ବାରିପଦା (D) ପିପିଲି

୭. ଜନବିରଳ ମହାଦେଶର ନାମ କ'ଣ ?
(A) ଏସିଆ (B) ଆଣ୍ଟାର୍କଟିକା (C) ଅଷ୍ଟ୍ରେଲିଆ (D) ଇଉରୋପ

୮. ଭାରତର ଦୀର୍ଘତମ ରାସ୍ତାର ନାମ କ'ଣ ?
(A) ଏନ୍.ଏଚ୍.-୨୬ (B) ଏନ୍.ଏଚ୍ - ୪୪ (C) ଏନ୍.ଏଚ୍ - ୪୫ (D) ଏନ୍.ଏଚ୍ - ୩୨

୯. ଭାରତରତ୍ନ ଲାଭ କରିଥିବା ପ୍ରଥମ ଭାରତୀୟ କିଏ ଥିଲେ ?
(A) ରବୀନ୍ଦ୍ରନାଥ ଠାକୁର (B) ସତ୍ୟେନ୍ଦ୍ରନାଥ ଟାଗୋର (C) ରାକେଶ ଶର୍ମା (D) ସି.ରାଜଗୋପାଳାଚାରୀ

୧୦. ଭାରତର ପ୍ରଥମ ଏଭେରେଷ୍ଟ ଶୃଙ୍ଗ ଆରୋହୀ କିଏ ?
(A) ୟୁରିଗାଗାରିନ (B) ରାକେଶ ଶର୍ମା (C) ନୀଲ ଆର୍ମଷ୍ଟ୍ରଙ୍ଗ (D) ତେନଜିଂ ନରଗେ

୧୧. ଶାନ୍ତିନିକେତନ କାହିଁକି ପ୍ରସିଦ୍ଧ ?
(A) ଦର୍ଶନୀୟ ସ୍ଥାନ (B) ଶୈଳନିବାସ (C) ଶିକ୍ଷାକେନ୍ଦ୍ର (D) ସମାଧିପୀଠ



https://ssvmkalamachhuin.in/

୧୨. ଅମୃତସର ହତ୍ୟାକାଣ୍ଡ କେଉଁଠାରେ ହୋଇଥିଲା ?

(A) ଜାଲିଆନାୱାଲାବାଗ (B) ପାଟନା (C) ଭୁବନେଶ୍ୱର (D) ଦାଣ୍ଡି

୧୩. ବ୍ରାହ୍ମ ସମାଜର ପ୍ରତିଷ୍ଠାତା କିଏ ?

(A) ସ୍ୱାମୀ ବିବେକାନନ୍ଦ (B) ସ୍ୱାମୀ ଦୟାନନ୍ଦ

(C) ରାଜା ରାମମୋହନ ରାୟ (D) ବୀର ସୁରେନ୍ଦ୍ର ସାଏ

୧୪. ଦାଣ୍ଡିଯାତ୍ରା କେବେ ଅନୁଷ୍ଠିତ ହୋଇଥିଲା ?

(A) ଏପ୍ରିଲ ୧୯୩୦ (B) ଏପ୍ରିଲ ୧୯୩୧ (C) ଏପ୍ରିଲ ୧୯୩୫ (D) ଏପ୍ରିଲ ୧୯୪୦

୧୫. ରାମକୃଷ୍ଣ ମିଶନର ପ୍ରତିଷ୍ଠାତା କିଏ ?

(A) ସୁଭାଷ ଚନ୍ଦ୍ର ବୋଷ (B) ରାମକୃଷ୍ଣ ପରମହଂସ (C) ଗୋପବନ୍ଧୁ ଦାସ (D) ସ୍ୱାମୀ ବିବେକାନନ୍ଦ

୧୬. ଥର୍ମୋମିଟର କିଏ ଉଦ୍ଭାବନ କରିଥିଲେ ?

(A) ଡି.ଜି.ଫାରେନ୍‌ହାଇଟ୍ (B) ଜେମସ୍‌ୟଙ୍ଗ ସିମ୍ପସନ (C) ଗ୍ରାହମ ବେଲ (D) ଷ୍ଟିଫେନସନ

୧୭. ମାର୍କୋନୀ କ'ଣ ଉଦ୍ଭାବନ କରିଥିଲେ ?

(A) ମୋବାଇଲ (B) ସାଇକେଲ (C) ରେଡ଼ିଓ (D) ଘଣ୍ଟା

୧୮. କେଉଁ ଗ୍ରହଟି ଲୋହିତ ଗ୍ରହ ଭାବେ ପରିଚିତ ?

(A) ବୁଧ (B) ଶୁକ୍ର (C) ପୃଥିବୀ (D) ମଙ୍ଗଳ

୧୯. କେଉଁଟି ଅତି ଶୀତଳ ଅଞ୍ଚଳ ଭାବେ ପରିଚିତ ?

(A) ନାଇଜେରିଆ (B) ସାଇବେରିଆ (C) ନିଉଫାଉଣ୍ଡଲାଣ୍ଡ (D) ସାଂଘାଇ

୨୦. ଓଡ଼ିଶାର କେଉଁ ଜିଲ୍ଲାରେ ପାତାଳ ଗଙ୍ଗା ଅବସ୍ଥିତ ?

(A) ଖୋର୍ଦ୍ଧା (B) ନୂଆପଡ଼ା (C) ବାଲେଶ୍ୱର (D) କଟକ

୨୧. ଭାରତର ସର୍ବାଧିକ ଚିନି ଉତ୍ପାଦନକାରୀ ରାଜ୍ୟ କିଏ ?

(A) ଉତ୍ତର ପ୍ରଦେଶ (B) ଆନ୍ଧ୍ରପ୍ରଦେଶ (C) ତାମିଲନାଡୁ (D) ଗୋଆ

୨୨. ଜରି କାମ ପାଇଁ ଓଡ଼ିଶାର କେଉଁ ଅଞ୍ଚଳ ଖ୍ୟାତ ?

(A) ଭୋଗରାଇ (B) ଚାନ୍ଦବାଲି (C) ନବରଙ୍ଗପୁର (D) ସୁନ୍ଦରଗଡ଼

୨୩. ଆଲିଗଡ଼ ସହର କେଉଁ ଶିଳ୍ପ ପାଇଁ ପ୍ରସିଦ୍ଧ ?

(A) ଚମଡ଼ା (B) ଲୁଗା (C) କେବୁଲ (D) ଚାବି, ତାଲା

୨୪. ଗୁଜୁରାଟର କେଉଁଠାରେ ପେଟ୍ରୋଲିୟମ କାରଖାନା ଅଛି ?

(A) କ୍ୟାମ୍ବେ (B) ସୁରତ (C) ଗାନ୍ଧୀନଗର (D) ଆମ୍‌ରେଲି

୨୫. କଂସାବାସନ ପାଇଁ ଓଡ଼ିଶାର କେଉଁ ଅଞ୍ଚଳ ଖ୍ୟାତ ?

(A) ଜରାସିଂହା (B) ଭୁବନ (C) ବାଲୁଗାଁ (D) ରାନିବନ୍ଧ

୨୬. ଭାରତବର୍ଷର ଉତ୍ତର ଦିଗରେ ଚାରିଧାମ ମଧ୍ୟରୁ କେଉଁ ଧାମ ରହିଛି ?

(A) ପୁରୀ (B) ରାମେଶ୍ୱରମ୍ (C) ଦ୍ୱାରିକା (D) ବଦ୍ରୀନାଥ

୨୭. ଭଗବାନ ଶ୍ରୀକୃଷ୍ଣଙ୍କ ଜନ୍ମସ୍ଥଳୀର ନାମ କ'ଣ ?

(A) କାଶୀ (B) ଅଯୋଧ୍ୟା (C) ମଥୁରା (D) ପାଟଳୀପୁତ୍ର



https://ssvmkalamachhuin.in/

୨୮. କାଶୀ ବିଶ୍ୱନାଥଙ୍କ ପ୍ରସିଦ୍ଧ ଜ୍ୟୋତିର୍ଲିଙ୍ଗ କେଉଁଠାରେ ଅବସ୍ଥିତ ?

(A) ବାରାଣସୀ (B) ଦ୍ୱାରକାପୁରୀ (C) ଉଜ୍ଜୈନ (D) ଅବଧ

୨୯. ଅଭିମନ୍ୟୁଙ୍କ ପିତା କିଏ ଥିଲେ ?

(A) ଅର୍ଜୁନ (B) ଲକ୍ଷ୍ମଣ (C) ଶାନ୍ତନୁ (D) ଶିବଗୁରୁ

୩୦. ଧ୍ରୁବଙ୍କ ମାତାଙ୍କ ନାମ କ'ଣ ?

(A) କୟାଧୁ (B) ସୁଭଦ୍ରା (C) ସୁନୀତି (D) ଜ୍ଞାନବତୀ

୩୧. ରାମତନୁ କେଉଁ ମହାପୁରୁଷଙ୍କ ପିଲାଦିନର ନାମ ?

(A) ରାମକୃଷ୍ଣ ପରମହଂସ (B) ତାନ୍‌ସେନ୍ (C) ଗୌତମବୁଦ୍ଧ (D) ଲୋକମାନ୍ୟ ତିଲକ

୩୨. ମୁଁ ନୁହେଁ ତୁମେ – ଏକଥା କିଏ କହିଥିଲେ ?

(A) ଅଟଳ ବିହାରୀ ବାଜପେୟୀ (B) ଗୁରୁ ନାନକ ଦେବ

(C) ମାଧବରାଓ ସଦାଶିବରାଓ ଗୋଲୱାଲକର (D) ସ୍ୱାମୀ ବିବେକାନନ୍ଦ

୩୩. ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କ ଗୁରୁ କିଏ ଥିଲେ ?

(A) ବଶିଷ୍ଠ (B) ବିଶ୍ୱାମିତ୍ର (C) ଗୁରୁ ସାନ୍ଦୀପନି (D) ଚାଣକ୍ୟ

୩୪. ଗଣଗୌର ପର୍ବ କେଉଁ ତିଥିରେ ପାଳନ କରାଯାଏ ?

(A) କାର୍ତ୍ତିକ ମାସ ଶୁକ୍ଲପକ୍ଷ ଷଷ୍ଠୀ (B) ଚୈତ୍ର ଶୁକ୍ଲ ତୃତୀୟା

(C) ଆଷାଢ଼ ମାସ ଶୁକ୍ଲପକ୍ଷ ଦ୍ୱିତୀୟା (D) ଶ୍ରାବଣ ପୂର୍ଣ୍ଣିମା

୩୫. କନ୍ୟାକୁମାରୀ ମନ୍ଦିର କେଉଁ ରାଜ୍ୟରେ ଅବସ୍ଥିତ ?

(A) ତାମିଲନାଡୁ (B) ହରିୟାଣା (C) ରାଜସ୍ଥାନ (D) ଆସାମ

୩୬. ବର୍ତ୍ତମାନ ଓଡ଼ିଶାର ରାଜ୍ୟପାଳ କିଏ ?

(A) କିରଣ ବେଦୀ (B) ପ୍ରଫେସର ଗଣେଶୀ ଲାଲ

(C) ରାମ ନାଏକ (D) ଏସ୍.ସି.ଜମିର

୩୭. ଭାରତ ତିଆରି କରିଥିବା ଚନ୍ଦ୍ରଯାନ-୩ କେବେ ମହାକାଶକୁ ପ୍ରେରିତ ହୋଇଥିଲା ?

(A) ଜୁଲାଇ ୨୫, ୨୦୨୩ (B) ଜୁଲାଇ ୨୩, ୨୦୨୩

(C) ଜୁଲାଇ ୧୧, ୨୦୨୩ (D) ଜୁଲାଇ ୧୪, ୨୦୨୩

୩୮. ଭାରତର ରାଷ୍ଟ୍ରପତିଙ୍କ ଘର ଓଡ଼ିଶାର କେଉଁ ଜିଲ୍ଲାରେ ?

(A) ବାଲେଶ୍ୱର (B) କଟକ (C) ନୟାଗଡ଼ (D) ମୟୂରଭଞ୍ଜ

୩୯. 'ରଣଜୀତ ଟ୍ରଫି' କେଉଁ ଖେଳ ସହ ସମ୍ପୃକ୍ତ ?

(A) କ୍ରିକେଟ (B) ହକି (C) ଟେନିସ (D) ଫୁଟବଲ

୪୦. କ୍ରିକେଟ ବିଶ୍ୱକପ ୨୦୧୯ କେଉଁ ଦେଶରେ ଆୟୋଜିତ ହୋଇଥିଲା ?

(A) ଭାରତ (B) ଅଷ୍ଟ୍ରେଲିଆ (C) ଇଂଲଣ୍ଡ (D) ନ୍ୟୁଜିଲାଣ୍ଡ

୪୧. ଶିକ୍ଷାବିକାଶ ସମିତି, ଓଡ଼ିଶାର ଧ୍ୟେୟବାକ୍ୟଟି କ'ଣ ?

(A) ସତ୍ୟମେବ ଜୟତେ (B) ସ୍ୱୟମେବ ମୃଗେନ୍ଦ୍ରତା

(C) ସା ବିଦ୍ୟା ଯା ବିମୁକ୍ତୟେ (D) ବସୁଧୈବ କୁଟୁମ୍ବକମ୍



https://ssvmkalamachhuin.in/

୪୨. ଶିକ୍ଷା ବିକାଶ ସମିତି ଓଡ଼ିଶାଙ୍କର ମୁଖ୍ୟ କାର୍ଯ୍ୟାଳୟ କେଉଁଠି ଅବସ୍ଥିତ ?

(A) କଟକ (B) ପୁରୀ (C) ବ୍ରହ୍ମପୁର (D) ଭୁବନେଶ୍ୱର

୪୩. କେଉଁ ପତ୍ରିକାଟି ଶିକ୍ଷା ବିକାଶ ସମିତି, ଓଡ଼ିଶାଙ୍କ ଦ୍ୱାରା ପ୍ରକାଶିତ ପତ୍ରିକା ?

(A) ଶିଶୁ ରାଇଜ (B) ରାଷ୍ଟ୍ରଦୀପ (C) ଶିକ୍ଷାସୃଜନୀ (D) ଅର୍ଗାନାଇଜର

୪୪. ପ୍ରାନ୍ତ ଶାରୀରିକ ଶିକ୍ଷା ସଂଯୋଜକଙ୍କ ନାମ କ'ଣ ?

(A) ଶ୍ରୀ ବଳରାମ ସାହୁ (B) ଶ୍ରୀ ଆଶିଷ କୁମାର ରଥ

(C) ଶ୍ରୀ ସଞ୍ଜୟ କୁମାର ମିଶ୍ର (D) ଶ୍ରୀ ମନୋଜ କୁମାର ଦାଶ

୪୫. ଶିକ୍ଷା ବିକାଶ ସମିତି, ଓଡ଼ିଶାଙ୍କ ସଂଗଠନ ସମ୍ପାଦକଙ୍କ ନାମ କ'ଣ ?

(A) ଶ୍ରୀ କମଳାକାନ୍ତ ମିଶ୍ର (B) ଶ୍ରୀ ଖଗେଶ୍ୱର ଦାଶ

(C) ଶ୍ରୀ ସତ୍ୟନାରାୟଣ ପଟ୍ଟନାୟକ (D) ଶ୍ରୀ ତାରକଦାସ ସରକାର

୪୬. ନିମ୍ନଲିଖିତ ଗ୍ରୁପରେ କେଉଁଟି ଅଲଗା ବାଛ ?

(A) horse-mare (B) tiger-tigress (C) lion-den (D) dog-bitch


୪୭. ଯଦି 214 = BAD ହୁଏ, ତେବେ 8514 = ________?

(A) head (B) face (C) hide (D) deaf

୪୮. ଡାକ୍ତରଖାନା : ଡାକ୍ତର :: ମନ୍ଦିର : ________?


(A) ପରିଚାଳକ (B) ପୂଜକ (C) ଗାଁ ମୁରବୀ (D) ମନ୍ଦିର ଚିତ୍ରକାର

୪୯.




(A) 32 (B) 33 (C) 34 (D) 35

୫୦. ଦତ୍ତ ଚିତ୍ରରେ କେତୋଟି ତ୍ରିଭୁଜ ଅଛି ?



(A) ୩ଟି (B) ୪ଟି (C) ୫ଟି (D) ୬ଟି

❖❖❖



https://ssvmkalamachhuin.in/

# शिक्षाविकाशसमितिः, ओडिशा

## अर्द्धवार्षिक परीक्षा: २०२३-२०२४

कक्षा - पंचमी विषय: - संस्कृतम् (लिखितम्)

समय: - एका घटिका पूर्णांका: - ३०

१. संस्कृतेन उत्तरं प्रदेयम्। (चतुर्णाम्) १ × ४ = ४

(क) क: भक्त्या श्रीरामं नमति ?

(ख) बालक: केन लिखति ?

(ग) क: द्विचक्रेण गच्छति ?

(घ) के हलेन कर्षन्ति ?

(ङ) कृषक: किं करोति ?

२. मातृभाषया अनुवादं कुरुत । (द्वयो:) २ × २ = ४

(क) नर: शकटेन गच्छति।

(ख) अश्वा: वेगेन धावन्ति।

(ग) हनुमान् भक्त्या श्रीरामं नमति।

३. संस्कृतेन अनुवादं कुरुत । (द्वयो:) २ × २ = ४

(କ) ଯିଏ ଶ୍ରୀରାମଙ୍କୁ ନମସ୍କାର କରନ୍ତି ସେ ସୁଖରେ ରହନ୍ତି ।

(ଖ) ଲୋକମାନେ ସାଇକେଲରେ ଯାଉଛନ୍ତି ।

(ଗ) ମୁଁ ବିଦ୍ୟାଳୟକୁ ଯାଉଛି ।

४. संस्कृतेन वाक्यानि रचयत । (त्रयाणाम्) १ × ३ = ३

(क) खादामि (ख) पिवति

(ग) आरुह्य (घ) द्विचक्रेण



https://ssvmkalamachhuin.in/

५. रेखांकित पदानां भ्रमं संशोधयतु । १ × २ = २

(क) काकस्नानं छागध्यानं शुनः निद्रा तथैव च

(ख) दानेन न वृद्धिं याति विद्यारत्नं महाधनम्।

६. शून्यस्थानानि पूरयत । (चतुर्णाम्) १ × ४ = ४

(क) सः __________ सुन्दरः अस्ति।

(ख) श्रीरामः __________ ददाति।

(ग) छात्राः __________ यान्ति।

(घ) अहं __________ क्रिडामि।

७. सन्धिविच्छेदं कुरुत । (द्वयोः) १ × २ = २

स्वागतम्, पुनर्दर्शनाय, किमपि

८. सन्धिं कुरुत । (द्वयोः) १ × २ = २

परः + उपकाराय = __________

तथा + एव = __________

चौरेण + अपि = __________

९. प्रकल्पकार्यम् ५

❖❖❖



https://ssvmkalamachhuin.in/

# ଶିକ୍ଷା ବିକାଶ ସମିତି, ଓଡ଼ିଶା

## ଅର୍ଦ୍ଧବାର୍ଷିକ ପରୀକ୍ଷା : ୨୦୨୩-୨୦୨୪

ଶ୍ରେଣୀ : ପଞ୍ଚମ ବିଷୟ : ବିଜ୍ଞାନ

ସମୟ : ୧ଘଣ୍ଟା ପୂର୍ଣ୍ଣସଂଖ୍ୟା : ୫୦

୧. ଭ୍ରମ ଥିଲେ ରେଖାଙ୍କିତ ପଦକୁ ବଦଳାଇ ସଂଶୋଧନ କର ।

୧ × ୩ = ୩

(କ) ଆମ ଶରୀରର ସାଧାରଣ ତାପମାତ୍ରା ୯୮.୪°C ।

(ଖ) ଜନ୍ମ ସମୟରେ ଯକ୍ଷ୍ମାରୋଗ ପାଇଁ ଡ଼ିଟିପି ଟୀକା ଦିଆଯାଏ ।

(ଗ) ପକ୍ଷୀର ଲାଞ୍ଜ ଦିଗ ପରିବର୍ତ୍ତନରେ ସାହାଯ୍ୟ କରେ ।

୨. ବାମ ପାର୍ଶ୍ୱର ସମ୍ପର୍କ ଦେଖି ଦକ୍ଷିଣ ପାର୍ଶ୍ୱର ସମ୍ପର୍କ ନିର୍ଣ୍ଣୟ କର ।

୧ × ୩ = ୩

(କ) ଡେଙ୍ଗୁ : ଏଡ଼ିଶ :: ବାତଜ୍ୱର : __________

(ଖ) କୁକୁର : ଇକାତଙ୍କ :: ବିଲୁଆ : __________

(ଗ) ଆଲୁମିନିୟମ୍ କାରଖାନ : ପାଉଁଶ :: ଇସ୍ପାତ କାରଖାନା : __________ ।

୩. ସ୍ତମ୍ଭ ମିଳନ କର । ୧ × ୩ = ୩

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ଶାଗ | ଲମ୍ୱାକାନ |
| ଠେକୁଆ | ଡିପ୍‌ଥେରିଆ |
| ଶିଶୁକୁ ୫ ବର୍ଷ ହେଲେ | ହେପାଟାଇଟିସ୍ |
| | କ୍ୟାଲସିୟମ୍ |



https://ssvmkalamachhuin.in/

୪. ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତରଟି ବାଛି ଲେଖ । ୧ × ୩ = ୩

(କ) ମାଛର ଗାଲିସି ସ୍ଥଳଭାଗରେ ଥିବା ପ୍ରାଣୀର କେଉଁ ଅଙ୍ଗ ଭଳି କାର୍ଯ୍ୟ କରେ ?

(A) ହୃତ୍‌ପିଣ୍ଡ (B) ଯକୃତ

(C) ଫୁସ୍‌ଫୁସ୍ (D) ପାକସ୍ଥଳୀ

(ଖ) ସମୁଦ୍ରରେ ଭୂମିକମ୍ପ ହେଲେ କ'ଣ ସୃଷ୍ଟି ହୁଏ ?

(A) ଭୂଚଳନ (B) ସୁନାମୀ

(C) ଭୂମିକମ୍ପ (D) ବାତ୍ୟା

(ଗ) ଆମ ଦେଶରେ ସମୁଦାୟ ଭୂଭାଗର ପ୍ରାୟ ଶତକଡ଼ା କେତେ ଭାଗ ଜଙ୍ଗଲ ଥିଲା ?

(A) ୨୦ (B) ୨୩

(C) ୨୨ (D) ୨୧

୫. ବନ୍ଧନୀ ମଧ୍ୟରୁ ଉପଯୁକ୍ତ ଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣ କର ।

(ଇକୋ, କ, ASV, AVS ) ୧ × ୩ = ୩

(କ) ଅନ୍ଧାରକଣା ରୋଗ ଜୀବସାର ________ ଅଭାବରେ ହୁଏ ।

(ଖ) ସାପ କାମୁଡ଼ିଲେ ________ ଇଞ୍ଜେକ୍‌ସନ ଦିଆଯାଇଥାଏ ।

(ଗ) ଜଙ୍ଗଲ ସଂରକ୍ଷଣ ପାଇଁ ବିଦ୍ୟାଳୟରେ ________ କ୍ଲବ୍ ଗଠନ କରାଯାଇଛି ।

୬. ଅଲଗା ଶବ୍ଦ ବାଛ । ୧ × ୩ = ୩

(କ) ଝାଉଁ, ସିଜୁ, କଇଁ, ଘିକୁଆଁରୀ । (ମରୁଭୂମି ଦୃଷ୍ଟିରୁ)

(ଖ) ତୁଳା, ସାଲାଇନ, ଡେଟଲ, ପରିବାଚୋପା (ଡାକ୍ତରଖାନା ଆବର୍ଜନା)

(ଗ) ହଇଜା, ବସନ୍ତ, କାମଳ, ଟାଇଫଏଡ଼ । (ଜଳ ମାଧ୍ୟମରେ)



https://ssvmkalamachhuin.in/

୭. ଠିକ୍ ବାକ୍ୟ ପାଖରେ (✓) ଚିହ୍ନ ଓ ଭୁଲ୍ ବାକ୍ୟ ପାଖରେ (×) ଚିହ୍ନ ଦିଅ । $୧ \times ୨ = ୨$

(କ) ନାଗଫେଣୀର କଣ୍ଟା ପତ୍ରରେ ପରିଣତ ହୋଇଥାଏ ।

(ଖ) ଭୂମିକମ୍ପର ତୀବ୍ରତା ଅଧିକ ହେଲେ ଧନଜୀବନ କ୍ଷତି ହୁଏ ।

୮. ସଂକ୍ଷେପରେ ଉତ୍ତର ଲେଖ । (୩ଟିର) $୨ \times ୩ = ୬$

(କ) ମୃତ୍ତିକାକ୍ଷୟର ୨ଟି କାରଣ ଲେଖ ।

(ଖ) ଭିଟାମିନ - D ଅଭାବରେ ହେଉଥିବା ଦୁଇଟି ରୋଗର ନାମ ଲେଖ ।

(ଗ) ତୁନ୍ଦ୍ରାଞ୍ଚଳରେ ରହୁଥିବା ପ୍ରାଣୀମାନଙ୍କର ୨ଟି ବିଶେଷତ୍ୱ ଲେଖ ।

(ଘ) ଥର୍ମୋମିଟରର ବ୍ୟବହାର ଲେଖ ।

୯. ବୈଜ୍ଞାନିକ କାରଣ ଲେଖ । (୧ଟିର) $୩ \times ୧ = ୩$

(କ) ତରଳଝାଡ଼ା ହେଉଥିବା ରୋଗୀକୁ ORS ଦ୍ରବଣ ପିଇବାକୁ ଦିଆଯାଏ ।

(ଖ) ଛିଣ୍ଡା ପଲିଥିନ ବ୍ୟାଗକୁ ମାଟିରେ ପୋତାଯାଏ ନାହିଁ ।

୧୦. ପାର୍ଥକ୍ୟ ଲେଖ । (୧ଟିର) $୩ \times ୧ = ୩$

(କ) ସ୍କର୍ଭି ଓ ରିକେଟ୍ସ

(ଖ) ବାତ୍ୟା ଓ ଭୂମିକମ୍ପ

୧୧. ସଂକ୍ଷିପ୍ତ ଟିପ୍ପଣୀ ଲେଖ । (୧ଟିର) ୩ × ୧ = ୩

(କ) ପ୍ରସ୍ତର ଉଦ୍ୟାନ

(ଖ) ପ୍ରାଥମିକ ଚିକିତ୍ସା

୧୨. ଯେକୌଣସି ଦୁଇଟି ପ୍ରଶ୍ନର ଉତ୍ତର ଲେଖ । ୫ × ୨ = ୧୦

(କ) ସଂକ୍ରାମକ ରୋଗ କାହାକୁ କୁହନ୍ତି ? ଏହି ରୋଗ ବ୍ୟାପିବାର ମାଧ୍ୟମ ଗୁଡ଼ିକ ସମ୍ବନ୍ଧରେ ଲେଖ ।

(ଖ) ଓଟର ଶରୀର ତାକୁ କିପରି ମରୁଭୂମିରେ ବଞ୍ଚିବାରେ ସାହାଯ୍ୟ କରେ ବର୍ଣ୍ଣନା କର ।

(ଗ) ଜଙ୍ଗଲ ଧ୍ୱଂସ ପାଇଲେ ବାୟୁମଣ୍ଡଳରେ କି ପରିବର୍ତ୍ତନ ହେବ ?

୧୩. ପ୍ରକଳ୍ପ କାର୍ଯ୍ୟ । ୫

❖❖❖



https://ssvmkalamachhuin.in/

# ଶିକ୍ଷା ବିକାଶ ସମିତି, ଓଡ଼ିଶା

## ଅର୍ଦ୍ଧବାର୍ଷିକ ପରୀକ୍ଷା : ୨୦୨୩-୨୦୨୪

**ଶ୍ରେଣୀ : ପଞ୍ଚମ** | **ବିଷୟ : ସାମାଜିକ**

**ସମୟ : ୧ ଘଣ୍ଟା** | **ପୂର୍ଣ୍ଣସଂଖ୍ୟା : ୫୦**

୧. ଶୂନ୍ୟସ୍ଥାନ ପୂରଣ କର । ୧ × ୩ = ୩

(କ) ଗ୍ଲୋବରେ ଥିବା ନୀଳରଙ୍ଗ ________ କୁ ସୂଚାଏ ।

(ଖ) ସମ୍ବାଦ ସଂଗ୍ରହ କରିବା ________ଙ୍କ ମୁଖ୍ୟ କାର୍ଯ୍ୟ ।

(ଗ) ଭାରତର ________ ରାଜ୍ୟରେ ସର୍ବାଧିକ ଚା ଚାଷ ହୋଇଥାଏ ।

୨. ଠିକ୍ ଉକ୍ତି ପାଖରେ (✓) ଓ ଭୁଲ୍ ଉକ୍ତି ପାଖରେ (×) ଚିହ୍ନ ଦିଅ । ୧ × ୩ = ୩

(କ) ରାଜ୍ୟସଭାର ମୋଟ ସଭ୍ୟ ସଂଖ୍ୟା ୫୪୫ଜଣ । ( )

(ଖ) ଅପରାଧକୁ ଘୃଣା କରିବା ମାତ୍ର ଅପରାଧୀଙ୍କୁ ନୁହେଁ । ( )

(ଗ) ଆନ୍ଧ୍ରପ୍ରଦେଶର ରାମଗିରିଠାରେ ସୁନା ଖଣି ଅଛି । ( )

୩. ଏକ ପଦରେ ପ୍ରକାଶ କର । ୧ × ୩ = ୩

(କ) ଯେଉଁ ରାଜ୍ୟ ଚନ୍ଦନ କାଠ ପାଇଁ ପୃଥିବୀ ପ୍ରସିଦ୍ଧ -

(ଖ) ବିଧାନସଭାର ନିର୍ବାଚିତ ସଭ୍ୟ -

(ଗ) ବିମାନରେ ଯିଏ ଯାତ୍ରୀଙ୍କୁ ସ୍ୱାଗତ ଜଣାନ୍ତି -



https://ssvmkalamachhuin.in/

୪. ସ୍ତମ୍ଭ ମିଳନ କର । ୧ × ୩ = ୩

| ‘କ’ ସ୍ତମ୍ଭ | ‘ଖ’ ସ୍ତମ୍ଭ |
|---|---|
| ସବୁଜ ରଙ୍ଗ | ପାଇଲଟ |
| ଭରତପୁର | ସମତଳ ଭୂମି |
| ବିମାନଚାଳକ | ପକ୍ଷୀ ଅଭୟାରଣ୍ୟ |

୫. କାହାକୁ କହନ୍ତି ? ୧ × ୨ = ୨

(କ) ବିଷୁବବୃତ୍ତ

(ଖ) କ୍ୟାପ୍‌ଟେନ

୬. ସଂକ୍ଷେପରେ ଉତ୍ତର ଦିଅ । (ଯେକୌଣସି ୨ଟିର) ୨ × ୨ = ୪

(କ) ଆରବ ସାଗରରେ ପଡ଼ିଥିବା ୨ଟି ନଦୀର ନାମ ଲେଖ ।

(ଖ) ଗହମ ଚାଷ ହେଉଥିବା ଭାରତର ୨ଟି ରାଜ୍ୟର ନାମ ଲେଖ ।

(ଗ) ଗ୍ରୀଷ୍ମ ନିବାସ କ’ଣ ? ୨ଟିର ଉଦାହରଣ ଦିଅ ।

୭. କାରଣ ଦର୍ଶାଅ । (ଯେକୌଣସି ୨ଟିର) ୩ × ୨ = ୬

(କ) ଦେଶର ସୁରକ୍ଷାରେ ସୈନିକର କାର୍ଯ୍ୟ ଅତି ଗୁରୁତ୍ୱପୂର୍ଣ୍ଣ ।

(ଖ) ମଦ୍ୟପକୁ ସାଧାରଣ ଲୋକ ଭୟ ଓ ଘୃଣା କରିଥାନ୍ତି ।

(ଗ) ଉପକୂଳବର୍ତ୍ତୀ ଅଞ୍ଚଳରେ ଅଧିକ ଗରମ ବା ଶୀତ ଅନୁଭୂତ ହୋଇ ନ ଥାଏ ।

୮. ସଂକ୍ଷିପ୍ତ ଟିପ୍‌ପଣୀ ଲେଖ । (୨ଟିର) ୩ × ୨ = ୬

(କ) ରାଷ୍ଟ୍ରପତି

(ଖ) ପାର୍ବତ୍ୟ ଉପତ୍ୟକା

(ଗ) ଉତ୍ତରସ୍ଥ ସମତଳ ଅଞ୍ଚଳ



https://ssvmkalamachhuin.in/

୯. ଯେକୌଣସି ୩ଟି ପ୍ରଶ୍ନର ଉତ୍ତର ଲେଖ । ୩ × ୩ = ୯

(କ) ଭାରତରେ ଚୀନ ଓ ରୁଷ ଭଳି ଥଣ୍ଡା ଅନୁଭୂତ ହୋଇ ନ ଥାଏ କାହିଁକି ?

(ଖ) ରେଳ ବିଭାଗରେ କାର୍ଯ୍ୟ କରୁଥିବା ୩ ଜଣ କର୍ମଚାରୀଙ୍କ କାର୍ଯ୍ୟ ବର୍ଣ୍ଣନା କର ।

(ଗ) ପୃଥିବୀରେ ଥିବା ମହାସାଗର ଗୁଡ଼ିକର ନାମ ଲେଖ ଏବଂ ତନ୍ମଧ୍ୟରୁ କେଉଁ ମହାସାଗର ବୃହତ୍ତମ ?

(ଘ) ଜଳବାୟୁ ପ୍ରଭାବିତ କରୁଥିବା ୩ଟି ମୁଖ୍ୟ କାରଣ ଲେଖ ।

୧୦. ଦତ୍ତ ଭାରତ ମାନଚିତ୍ରରେ ନିମ୍ନ ରାଜ୍ୟଗୁଡ଼ିକୁ ଦର୍ଶାଅ । ୨ × ୩ = ୬

(କ) ଗୁଜୁରାଟ

(ଖ) ଉତ୍ତର ପ୍ରଦେଶ

(ଗ) ଓଡ଼ିଶା



୧୧. ପ୍ରକଳ୍ପ କାର୍ଯ୍ୟ ୫

❖❖❖



https://ssvmkalamachhuin.in/

# ଶିକ୍ଷା ବିକାଶ ସମିତି, ଓଡ଼ିଶା

## ଅର୍ଦ୍ଧବାର୍ଷିକ ପରୀକ୍ଷା : ୨୦୨୩-୨୦୨୪


ଶ୍ରେଣୀ : ପଞ୍ଚମ ବିଷୟ : ସାମାଜିକ

ନାମ ..............................................................

ବିଭାଗ......................... କ୍ର.ନଂ ..........................

୧୦. ଦତ୍ତ ଭାରତ ମାନଚିତ୍ରରେ ନିମ୍ନ ରାଜ୍ୟଗୁଡ଼ିକୁ ଦର୍ଶାଅ । ୨ × ୩ = ୬

(କ) ଗୁଜୁରାଟ (ଖ) ଉତ୍ତରପ୍ରଦେଶ (ଗ) ଓଡ଼ିଶା



https://ssvmkalamachhuin.in/